**ଗ୍ରାମୀଣ କୃଷି ମୌସୁମୀ ସେବା**
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 26-12-2023**

**ଅଙ୍ଗୁଳ(ଓଡିଶା) - :2023-12-26 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2023-12-27 | 2023-12-28 | 2023-12-29 | 2023-12-30 | 2023-12-31 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 28.0 | 29.0 | 29.0 | 29.0 | 29.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 12.0 | 12.0 | 12.0 | 12.0 | 12.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 90 | 81 | 84 | 80 | 78 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 34 | 34 | 33 | 32 | 31 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 4 | 4 | 5 | 5 | 5 |
| ପବନର ଦିଗ (ଡିଗ୍ରୀ) | 112 | 116 | 108 | 111 | 114 |
| ମେଘାଛନ (ଅକ୍ଟା) | 0 | 0 | 0 | 0 | 0 |

## ପାଣିପାଗ ସାରାଂଶ/ସତର୍କ:

ଆସନ୍ତା ପାଞ୍ଚ ଦିନ ମଧ୍ୟ ରେ ଅନୁଗୋଳ ଜିଲ୍ଲା ର ସମସ୍ତ ଅଞ୍ଚଳ ରେ ମ ଆକାଶ ସଫା ମେଘୁଆ ରହିବା ର ସମ୍ଭାବନା ରହିଛି , ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୮ -୨୯°C ଏବଂ ୧୨ °C ରହିବା ର ସମ୍ଭାବନା ରହିଛି । ପବନ ମୁଖ୍ୟତଃ ୪-୫ କିମି ପ୍ରତି ଘଣ୍ଟା ପୂର୍ବ ରୁ ଦକ୍ଷିଣପୂର୍ବ ଦିଗ କୁ ବହିବାର ସମ୍ଭାବନା ରହିଛି ।ସର୍ବାଧିକ ଏବଂ ସର୍ବନିମ୍ନ ଆଦ୍ରତା ଯଥା କ୍ରମେ ୭୮-୯୦ % ଏବଂ ୩୧-୩୪% ରହିବା ର ସମ୍ଭାବନା ରହିଛି ।

## ସାଧାରଣ ଉପଦେଶ:

| |
|---|
| ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥିଆମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| କୁହୁଡି ଓ କମ୍ ତାପମାତ୍ରା ରୁ ପନିପରିବା କୁ ରକ୍ଷା କରିବା ନିମନ୍ତେ ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବା ରେ ହାଲୁକା ଜଳ ସେଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ಮೆಣಸಿನಾ್ಠಿ | ଆସନ୍ତା ସମୟ ରେ କୁହୁଡିଆ ପାଗ ହେତୁ ଲଙ୍କା ଫସଲ ରେ ଶୋଷକ ଆଦି କୀଟ ଲାଗିବାର ସମ୍ଭାବନା ରହିଛି। ଏହାର ଦମନ ପାଇଁ ଇମିଦାକ୍ଲୋପ୍ରିଡ ୫ ମିଲି ପ୍ରତି ୧୫ ଲିଟର ପାଣି ରେ ମିଶାଇ ପ୍ରୟୋଗ କରନ୍ତୁ। |
| ଲଙ୍କା | ଆସନ୍ତା ସମୟ ରେ କୁହୁଡିଆ ପାଗ ହେତୁ ଲଙ୍କା ଫସଲ ରେ ଶୋଷକ ଆଦି କୀଟ ଲାଗିବାର ସମ୍ଭାବନା ରହିଛି। ଏହାର ଦମନ ପାଇଁ ଇମିଦାକ୍ଲୋପ୍ରିଡ ୫ ମିଲି ପ୍ରତି ୧୫ ଲିଟର ପାଣି ରେ ମିଶାଇ ପ୍ରୟୋଗ କରନ୍ତୁ। |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଛେଳି | ଶୀତଦିନେ PPR ରୋଗ 'ଛେଳିମହାମାରୀ' ଭାବରେ ମଧ ଜଣାଶୁଣା । ଏହି ଭାଇରାଲ୍ ରୋଗ ଯାହା ଛେଳି ଏବଂ ମେଣ୍ଢା କୁ ପ୍ରଭାବିତ କରେ ଯାହା ହଠାତ୍, ନିମୋନିଆ ଏବଂ କାଶ ସୃଷ୍ଟି କରେ । ପ୍ରଭାବିତ ପଶୁ ମାନେ ଅସ୍ଥିର ଦେଖାଯାନ୍ତି, ଏକ ଦୁର୍ବଳ ଚର୍ମ, ଶୁଖିଲା ମୁହଁ ଏବଂ ଉଦାସୀନ ଭୋକ ଏହି ରୋଗ ର ଲକ୍ଷଣ । ଗର୍ଭବତୀ ପ୍ରାଣୀ ଗର୍ଭପାତ କରି ପାରନ୍ତି । ତେଣୁ ପଶୁମାନଙ୍କୁ ଉଚିତ୍ ଟୀକାକରଣ କରନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | କୁକୁଡା ଚିଆଁ ପିଛା ୨ ୱାଟ ହିସାବ ରେ ଲାଇଟ ବଲ୍ବ ଲଗାନ୍ତୁ। କୁକୁଡା ମାନଙ୍କୁ ସାଧାରଣ ପାଣି ବଦଳ ରେ ଉଷୁମ ପାଣି ପିଇବାକୁ ଦିଅନ୍ତୁ। |

## ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଜେନେରାଲ ଡବିସିଏ | ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ୍ ଟାବଲେଟ ଏକ ଟନ ଧାନ ପିଛା ୩ ଟି (ସମୁଦାୟ ୯ ଗ୍ରାମ ଟାବଲେଟ) କନାରେ ଗୁଡାଇ ରଖନ୍ତୁ । ଏହାପରେ ଭଲଭାବରେ ତାରପୋଲିନ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ । ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟ୍ୟାପ ଦେଇ ଭଲ ଭାବରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ଏହିପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠରୀର ବସ୍ତା ମୁହଁ ଭଲ ଭାବରେ ବନ୍ଦ ରଖନ୍ତୁ । |